# Akashvani, Sambalpur

## SAMBALPURI NEWS EVENING BULLETIN

**25 October 2024- 7.02 pm- 7.12 pm.**

**********************************************

୧- ଦୁର୍ବଲ୍ ହେଲା ସାମୁଦ୍ରିକ ଝଡ଼୍ 'ଦାନା' ।

- ଆଏବା ୬ ଘଂଟା ଭିତ୍‌ରେ ଗଭୀର ଅବପାତ୍‌ଥି ବଦ୍‌ଲିବା ବଲି ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ।

୨- ବାତ୍ୟା ଉତ୍‌ରର୍ ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ସଫଲ୍ ମୁକାବିଲା ନେଇକରି ରାଜ୍ୟବାସୀ ଆର୍ ବିଭାଗୀୟ ଅଧିକାରୀଙ୍କୁ ଜନାଲେ ଧନ୍ୟବାଦ୍ ।

ଆଉର୍

୩- ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା ଅଧୀନ୍‌ଥି ଦିଆଯାଉଥିବା ଋଣ ଟଙ୍କା ୧୦ ଲାଖ୍ ନୁ ବଢ଼ିକରି ହେଲା ୨୦ ଲାଖ୍ ।

ବାତ୍ୟା ପ୍ରେସ୍ ରିଲିଜ୍

ଭୀଷଣ ବାତ୍ୟା ଦାନା ଦୁର୍ବଲ୍ ହେଇକରି ଗୁଟେ ବାତ୍ୟାଥି ବଦ୍‌ଲିଛେ । ଆଏବା ୬ ଘଂଟା ଭିତ୍‌ରେ ଆହୁରି ଦୁର୍ବଲ୍ ହେଇକରି

ଗଭୀର ଅବପାତଥି ବଦ୍‌ଲିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶକ୍ ମନୋରମା ମହାନ୍ତି କହିଛନ୍ । ସେ ଆହୁରି କହିଛନ୍ ଯେ, ବାତ୍ୟା 'ଦାନା'ର ଭୂଇଁକେ ଛୁଇଁବାର୍ ପ୍ରକ୍ରିୟା ଗଲାକାଏଲ୍ ରାତିନୁ ମୁଲ୍ ହେଇକରି ଆଏଜ୍ ପୁରା ଶେଷ୍ ହେଇଛେ । ଏଛେନ୍ ବାତ୍ୟା ଉତର୍ ଉପକୂଲ ଜିଲ୍ଲା ନ କେନ୍ଦ୍ରୀଭୂତ ହେଇଛେ । ଗଲା ୬ ଘଂଟା ହେଲା ବାତ୍ୟା ଦାନା ଘଂଟାକ ୧୦ କିଲୋମିଟର୍ ବେଗଥି ଉତର୍- ଉତର୍ ପଶ୍ଚିମ ଦିଗେ ଗତି କରୁଛେ । ଭଦ୍ରକ୍‌ନୁ ଉତର୍‌ପୂର୍ବ ଦିଗେ ୩୦ କିଲୋମିଟର୍ ଉତର୍ ପୂର୍ବ୍‌ଥି ଥିବାର୍ ବେଲେ ଧାମ୍‌ରାନୁ ଉତର୍-ଉତର୍ ପଶ୍ଚିମ ଦିଗେ ୫୦ କିଲୋମିଟର୍ ଦୂରେ ବାତ୍ୟା 'ଦାନା' ରହିଛେ । ବାତ୍ୟାର୍ କେନ୍ଦ୍ରସ୍ଥଲ୍ ନ ଏଛେନ୍ ଘଂଟାକ ୮୦ ନୁ ୯୦ କିଲୋମିଟର୍ ବେଗଥି ପବନ୍ ବୁହୁଛେ ବଲି ସେ କହିଛନ୍ । ସେ ଆହୁରି କହିଛନ୍ ଯେ, ବାତ୍ୟା ଦାନାର ଦୁଇଫାଲେ ଦୁଇଟା ଆଂଟି ସାଇକ୍ଲୋନ୍ ରହିଥିଲା । ହେଥିର୍‌ଲାଗି ବାତ୍ୟା 'ଦାନା' ଭୂଇଁକେ ଛୁଇଁବାର୍ ଲାଗି ଡେରି ହେଇଥିଲା ।

ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ସାମୁଦ୍ରିକ ଝଡ଼ ଦାନା ଭିତର୍‌କନିକା ହବାଲିଖଟି ପ୍ରାକୃତିକ ଶିବିର ଆଉ ଧାମ୍‌ରା ଭିତ୍‌ରେ ଉତର୍ ଓଡ଼ିଶା ଉପକୂଲକେ ରାତି ଦେଢ଼୍ ବଜେନୁ ସାଢ଼େ ୩ ବଜେ ଭିତ୍‌ରେ ପାର୍ କରିଥିଲା । ସାମୁଦ୍ରିକ ଝଡ଼୍ 'ଦାନା' ଭୂଇଁକେ ଛୁଇଁବାର୍ ସମିଆଥି ଭିତର୍‌କନିକା ଆର୍

ଧାମ୍ରା ପାଖେ ସମୁଦ୍ର ନ ଗୁଟେ ମିଟର୍‌ନୁ ଉଚା ଲହଡ଼ା ଆସିଥିଲା ।

ଇ ସମିଆଥି ପବନ୍‌ର ବେଗ ଘଂଟାକ ଶହେ ନୁ ଶହେ ୧୦ କିଲୋମିଟର୍ ରହିଥିଲା । ଭିତର୍‌କନିକା ଇଲାକା ନ ଲହଡ଼ା ପ୍ରବେଶ୍ କରିଥିବା ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ । ଭିନ୍ ଭିନ୍ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ଜବର୍ ବର୍ଷା ହେଇଥିବାର୍ ବେଲେ କେନ୍ଦ୍ରାପଡ଼ା, ଭଦ୍ରକ୍ ଆର୍ ବାଲେଶ୍ୱର୍ ଜିଲ୍ଲା ସାମୁଦ୍ରିକ ଝଡ଼ 'ଦାନା'ଥି ବହୁତ୍‌ଟେ ପ୍ରଭାବିତ୍ ହେଇଛେ । ଆଏବା ୨୪ ଘଂଟା ଭିତ୍‌ରେ କେନ୍ଦ୍ରାପଡ଼ା, ବାଲେଶ୍ୱର୍, ଭଦ୍ରକ, କେନ୍ଦୁଝର୍, ମୟୁର୍‌ଭଞ୍ଜ୍, କଟକ୍, ଯାଜ୍‌ପୁର୍, ଢେଙ୍କାନାଲ୍, ଜଗତ୍‌ସିଂହପୁର୍, ପୁରୀ, ଖୋର୍ଦ୍ଧା, ନୟାଗଡ଼୍, ଆଉ ଅନୁଗୁଲ୍ ଜିଲ୍ଲା ନ ବର୍ଷା ଲାଗି ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସମୁଦ୍ର ଅଶାନ୍ତ ରହୁଥିବାର୍‌ନୁ ମତ୍ସ୍ୟଜୀବୀମାନ୍‌କୁ ସମୁଦ୍ର ଭିତ୍‌ର୍‌କେ ଯିବାର୍‌କେ ମନା କରାଯାଇଛେ ।

ସେଆଡ଼େ ବାତ୍ୟା ପ୍ରଭାବିତ୍ ଜିଲ୍ଲାମାନ୍‌କେ ପୁର୍ନରୁଦ୍ଧାର୍ କାମ୍ ଜାରି ରହିଛେ । କେତେଟା ଜାଗା ନ ଗଛ୍ ଉପଡ଼ି ଯାଇକରି ରାସ୍ତା ଅବରୋଧ୍ ହେଇଥିବାର୍ ବେଲେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଆର୍ ଅଗ୍ନିଶମ ବାହିନୀ ତର୍‌ଫୁ ଗଛ୍ କାଟିକରି ରାସ୍ତାକେ ସଫା କରାଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ଡେରି ରାତିତକ୍ ୫ ଲାଖ୍ ୪୪ ହଜାର୍ ୮ ଶହ ୮୮ ଝନ୍‌କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଲୀକେ ସ୍ଥାନାନ୍ତର୍ କରାଯାଇଥିଲା ।

ବାତ୍ୟା-ମୁଖ୍ୟମନ୍ତ୍ରୀ        ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କର୍ କାର୍ଯ୍ୟାଳୟ ନ ସାମୁଦ୍ରିକ ଘୂର୍ଣ୍ଣିଝଡ଼ 'ଦାନଲ'ର ଥିତି ସମୀକ୍ଷା କର୍‌ବାର୍ ସଙ୍ଗେ ଆଗ୍‌କେ କାର୍ଯ୍ୟାନୁଷ୍ଠାନ୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ସମିଆଥି ଭିନ୍ ଭିନ୍ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀ କଥା ହେଇଥିଲେ । ଇତାର୍‌ଉତ୍‌ରୁ ଶୂନ୍ୟ ଜୀବନ୍‌ହାନୀ ଉପ୍‌ରେ ରାଜ୍ୟ ସର୍‌କାର୍ ସଫଲ୍ ହେଇଥିବାର୍ ନେଇକରି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ । ସାମୁଦ୍ରିକ ଘୂର୍ଣ୍ଣିଝଡ଼ 'ଦାନା'ର ସଫଲ୍ ମୁକାବିଲାକେ ନେଇକରି ସବୁ ବିଭାଗ୍‌କେ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ । ଇତାର୍‌ସହେତେ କ୍ଷୟକ୍ଷତି ଆକଲନ୍ ଲାଗି ଜିଲ୍ଲାପାଲ୍‌ମାନକୁ ନିର୍ଦ୍ଦେଶ୍ ଦେଇଛନ୍ । ଆଏଜ୍ ଦୁଇପହର୍‌ତକ୍ ଯେନ୍ ଇଲାକାମାନ୍‌କେ ଗଛ୍ ପଡ଼ିକରି ରାସ୍ତା ବିଚ୍ଛିନ୍ନ ହେଇଛେ ସେ ଇଲାକାମାନ୍‌କେ ରାସ୍ତା କାମ୍ ତୁର୍‌ତି କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ସଞ୍ଜ୍‌ବେଲ୍‌ତକ୍ ବିଦ୍ୟୁତ୍ ସେବାକେ ସ୍ୱାଭାବିକ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରେଲ୍‌ସେବା ସ୍ୱାଭାବିକ୍ ଭାବେ ମୁଲ୍ ହେଇଥିବାର୍ ବେଲେ ଭୁବ୍‌ନେଶ୍ୱର୍ ଆର୍ ପୁରୀନୁ ଧାରିଜ୍ ସମିଆଥି ରେଲ୍ ଚଲାଚଲ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ବିମାନ୍ ଚଲାଚଲ୍ ଆଏଜ୍

ସଖାଲର୍ ୯ ବଜେନୁ ମୁଲ୍ ହେଇଛେ । ସାମୁଦ୍ରିକ ଘୂର୍ଣ୍ଣିଝଡ଼ ସମିଆଥି ୪ ହଜାର୍‌ନୁ ଅଏତ୍‌କା ଗର୍ଭବତୀଙ୍କୁ ସ୍ଥାନାନ୍ତର୍ କରାଯାଇଥିବାର୍ ବେଲେ ୧୬ ଶହ ଛୁଆ ଜନମ୍ ହେଇଥିବାର୍ ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର୍ ବ୍ଲକ୍ ଖାସମୁଣ୍ଡା ଗାଁର୍ ଆଶାକର୍ମୀ ଶିବାନୀ ମଣ୍ଡଲ୍ ଝନେ ବୃଦ୍ଧାଙ୍କୁ ଖନ୍ଦେ ବୁହିକରି ସୁରକ୍ଷିତ୍ ଭାବେ ବାତ୍ୟା ଆଶ୍ରୟସ୍ଥଲ୍‌କେ ନେବାର୍ କାମ୍‌କେ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ ।

ସେଆଡ଼େ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ସାମୁଦ୍ରିକ ଝଡ଼ 'ଦାନଲ'ର ସଫଲ୍ ମୁକାବିଲା ନେଇକରି ରାଜ୍ୟବାସୀ ଆଉ ଭିନ୍ ଭିନ୍ ବିଭାଗ୍‌କେ ଧନ୍ୟବାଦ୍ ଜନେଇଛନ୍ । କ୍ଷୟକ୍ଷତିର ଆକଲନ୍ ସହେତେ ୭ ଦିନ୍ ଭିତ୍‌ରେ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା କମ୍ ଭାଙ୍ଗିଥିବାର୍ ଘରର୍ ଜଲ୍‌ଦି ମରାମତି ଆର୍ ପୁରା ଭାଙ୍ଗିଥିବା ଘର୍‌କେ ପକ୍କା ଘର୍ ମିଲ୍‌ବା ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ସୁପ୍ରିମ୍‌କୋର୍ଟର ପରବର୍ତୀ ପ୍ରଧାନ୍ ବିଚାର୍‌ପତି

ଆର୍‌ଏନ୍‌ୟୁ / ସମ୍ବଲପୁର

ସୁପ୍ରିମ୍‌କୋର୍ଟର ପରବର୍ତ୍ତୀ ପ୍ରଧାନ୍ ବିଚାର୍‌ପତି ଭାବେ ଜଷ୍ଟିସ୍ ସଞ୍ଜିବ୍ ଖାନ୍ନାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତ କରିଛନ୍ । ଆଏବା ମାସର୍ ୧୧ ତାରିଖ୍ ଦିନ ଜଷ୍ଟିସ୍ ଖାନ୍ନା ବିଧିବଦ୍ଧ ଭାବେ ସୁପ୍ରିମ୍‌କୋର୍ଟର ୫୧ ନମ୍ବର୍ ପ୍ରଧାନ୍ ବିଚାର୍‌ପତି ଭାବେ ଶପଥ୍ ନେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍ ବିଚାର୍‌ପତି ଡି.ୱାଇ. ଚନ୍ଦ୍ରଚୂଡ଼୍‌ଙ୍କର୍ କାର୍ଯ୍ୟକାଳ ଆଏବା ମାସ ୧୦ ତାରିଖ୍ ଦିନ ଶେଷ୍ ହେଉଛେ । ଇତାର୍ ଆଘୋନୁ ପ୍ରଧାନ୍ ବିଚାର୍‌ପତିଙ୍କର୍ ସୁପାରିଶ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ - ଜଷ୍ଟିସ୍ ସଞ୍ଜିବ୍ ଖାନ୍ନାଙ୍କୁ ନିଯୁକ୍ତି ଦେଇଛନ୍ । ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଏଛେନ୍ ସୁପ୍ରିମ୍‌କୋର୍ଟର ବରିଷ୍ଠ ବିଚାର୍‌ପତି ଭାବେ କାମ୍ କରୁଛନ୍ । ଆଏବା ୨୦୨୫ ମେ ୧୩ ତାରିଖ୍ ଦିନ ସେ ଅବସର ନେବେ ବଲି ସୂଚନା ମିଲିଛେ ।

ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା- ଋଣ ଟଙ୍କା ବୃଦ୍ଧି ପି.ଆଇ.ବି.

କେନ୍ଦ୍ର ସର୍‌କାରଙ୍କର୍ ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା ଅଧୀନ୍‌ଥି ଦିଆଯାଉଥିବା ଋଣ ଟଙ୍କା ୧୦ ଲାଖ୍‌ନୁ ୨୦ ଲାଖ୍ ଟଙ୍କାକେ ବଢ଼ାଯାଇଛେ । ଇଟା ଦେଶେ ନୂଆଁ ଉଦ୍ୟୋଗ୍‌କେ ପ୍ରୋତ୍ସାହନ୍ ଦେବାର୍ ସହେତେ ଦେଶର୍ ଆର୍ଥିକ୍ ଅଭିବୃଦ୍ଧିଥି ଖାସ୍ ସାହାଜ୍ ହେବା । ମୁଦ୍ରା ଯୋଜ୍‌ନାଥି ଋଣ ସୀମାକେ ବଢ଼େଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ଥି ଧନ୍ୟବାଦ୍ ଜନେଇଛନ୍ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍ ପ୍ରେସ୍ ରିଲିଜ୍

ଭୁବ୍‌ନେଶ୍ୱର୍ ନ ହେଉଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ୨୮ ତାରିଖ୍ ଦିନ ବନ୍ଦ୍ ରହେବା । ସମ୍ଭାବ୍ୟ ବାତ୍ୟା ଦାନା ଆର୍ ଇତାର୍ ଉତ୍‌ରୁ ପୁନରୁଦ୍ଧାର୍ କାମ୍‌କେ ନଜର୍‌ଥି ରଖିକରି ଅଭିଯୋଗ୍ ପ୍ରକୋଷ୍ଠକେ ବନ୍ଦ୍ ରଖାଯାଇଛେ । ଯେନ୍‌ମାନେ ଇ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟ୍‌ବାର୍ ଲାଗି ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କର୍ ପରବର୍ତ୍ତୀ ଅଭିଯୋଗ୍ ଶୁଣାଣି ଲାଗି ଫେର୍‌ଘାଏ ପଞ୍ଜିକରଣ୍ କର୍‌ବାର୍ ଦର୍‌କାର୍ ନାଇଁ ପଡ଼େ । ସେମାନ୍‌କର୍ ଲାଗି ପରବର୍ତ୍ତୀ ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦପତ୍ର ଆର୍ ଅଲ୍‌ଗା ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ବାତ୍ୟା- ଧାମ୍‌ରା          ଆର୍‌ଏନ୍‌ୟୁ/ କଟକ୍

ଭଦ୍ରକ୍ ଜିଲ୍ଲା ଧାମ୍‌ରା ନ ବାତ୍ୟା 'ଦାନା' ଯିବାର୍ ଉତ୍‌ରୁ ବର୍ଷା ଆର୍ ପବନ୍ ଲାଗି ରହିଛେ । ସାମୁଦ୍ରିକ ଘୂର୍ଣ୍ଣିଝଡ଼ର ପ୍ରଭାବ୍‌ଥି ବନେ ଚାଷ୍ ଜମିକେ ପାଏନ୍ ମାଡ଼ିଯାଇଛେ । ଇତାର୍‌ସହେତେ ରାସ୍ତା ନ ବିଜ୍‌ଲି ଖମ୍ବା ଆର୍ ବଡ଼ ବଡ଼ ଗଛ୍ ପଡ଼ିଥିବାର୍ ବାବ୍‌ଦେ ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ । ଧାମ୍‌ରାର୍ ଭିନ୍ ଭିନ୍ ଜାଗାକେ ଉଚ୍ଚଶିକ୍ଷା ମନ୍ତ୍ରୀ

ସୂର୍ଯ୍ୟବଂଶୀ ସୂରଜ୍ , ଜିଲ୍ଲାପାଳ୍ ଦିଲ୍ଲୀପ୍ ରାଉତ୍‌ରାୟ ଆର୍ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ଶାସନ୍ ସଚିବ ତ୍ରିଲୋଚନ ମାଝୀ ଯାଇକରି ସ୍ଥିତି ସମୀକ୍ଷା କରିଛନ୍ । ସେଆଡ଼େ କେନ୍ଦ୍ରାପଡ଼ା ଜିଲ୍ଲା ରାଜ୍‌ନଗର୍ ବ୍ଲକ୍‌ର ଭିତର୍‌କନିକା ଜାତୀୟ ଉଦ୍ୟାନ୍ ପାଖର୍ ଡାଙ୍ଗମାଳନୁ ତାଳଚୁଆଁ ଭିତ୍‌ରେ ବାତ୍ୟା ଦାନା ପ୍ରଭାବ୍‌ଥି ବହୁତ୍‌ଟେ ଗଛ୍ ପଡ଼ିକରି ରାସ୍ତା ଅବରୋଧ୍ ହେଇଛେ । ଏନ୍‌ଡିଆର୍‌ଏଫ୍ ଆର୍ ଓଡ୍ରାଫ୍ ଦଲ୍ ଗଛ୍ ମାନ୍‌କୁ କାଟିକରି ରାସ୍ତା ସଫେଇ କରୁଛନ୍ ।

କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍-ବିଦ୍ୟୁତ୍ ଯୋଗାଣ

ସୂଚନା ଲୋକସମ୍ପର୍କ ବିଭାଗ୍

ବାତ୍ୟା 'ଦାନା' ଲାଗି ଭଦ୍ରକ୍, ବାଲେଶ୍ୱର୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ଜିଲ୍ଲାର୍ ବୈଦ୍ୟୁତିକ ଭିତିଭୂମି ବହୁତ୍‌ଟେ ପ୍ରଭାବିତ୍ ହେଇଥିବାର୍ ଜାଗାମାନ୍‌କେ ବିଦ୍ୟୁତ୍ କର୍ମଚାରୀମାନେ ଯାଇକରି ଆଏଜ୍ ଦୁଇପହରର୍ ୨ ବଜେତକ୍ ୧୦ ଲାଖ୍ ଘର୍‌କେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ୍ କରିଛନ୍ । ଆଏଜ୍ ରାତିତକ୍ ସବୁ ଘର୍‌କେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଶକ୍ତି

ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପୁନରୁଦ୍ଧାର୍ ଜାଗା ନ ଉପସ୍ଥିତ୍ ରହିକରି ରାଏତ୍ତକ୍ ସବୁ କାମ୍ ସାର୍‌ବାର୍‌କେ କର୍ମଚାରୀ ଆଉ ସାଧାରଣ୍ ଲୁକ୍‌କର୍ ମନୋବଳ ବଢ଼ଉଛନ୍ ।

ସମ୍ବଲ୍‌ପୁର୍- ଦୁର୍ଘଟଣା- ୫ନେ ମୃତ         ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ସଦର୍ ଥାନା ଅଧୀନ୍‌ର ଜୟନ୍ତପୁର୍‌ର ଗୁଟେ ପେଟ୍ରୋଲ୍ ପମ୍ପ୍ ପାଖେ ସଡ଼କ୍ ଦୁର୍ଘଟଣାଥି ୫ନ୍‌କର୍ ଜୀବନ୍ ଯାଇଛେ । ଆଏଜ୍ ସଖାଲର୍ ୧୦ ବଜେ ୫ନେ ଲୋକ୍ ପଟୁଆବାହାଲ୍‌କେ ଯାଉଥିବାର୍ ବେଲେ ଜୟନ୍ତପୁର୍ ପାଖର୍ ରାସ୍ତା ନ ଗୁଟେ ଅଜନା ଟ୍ରକ୍ ତାଙ୍କୁ ଧକ୍କା ଦେଇକରି ପଲେଇଥିଲା । ଘଟ୍‌ନାଜାଗା ନ ହିଁ ତାକର୍ ଜୀବନ୍ ଯାଇଥିଲା । ପୁଲିସ୍ ଘଟ୍‌ନାଜାଗା ନ ପୁହୁଁଚିକରି ମୃତ ଦେହକେ ଜବତ୍ କରିକରି ମେଡ଼ିକାଲ୍‌କେ ନେଇଛେ ।

ସୈରିନ୍ଧ୍ରୀ ନାଏକ୍ ଫୁଟ୍‌ବଲ୍           ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ବର୍ଷିଆନ୍ କ୍ରୀଡ଼ା ସଂଘ ତର୍‌ଫୁ ସିଂପାଲି କିଷାନ୍ କ୍ଲବ୍ ଫୁଟ୍‌ବଲ୍ ପଡ଼ିଆ ନ ଚାଲିଥିବା ୨୫ ନମ୍ବର୍ ସୈରୀନ୍ଧ୍ରୀ ନାଏକ୍ ଟ୍ରଫି ହାଇସ୍କୁଲ୍ ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର

ଆଝିର୍ ଖେଲ୍‌ଥି ବୁର୍ଲା ସର୍‌କାରୀ ଉଚ୍ଚ ବିଦ୍ୟାଲୟ ୩/ଶୂନ୍ ଗୋଲ୍‌ଥି କାଇଁଶିର୍ ହାଇସ୍କୁଲ୍ ଦଲ୍‌କେ ହରେଇଛେ । ଆଉ ଗୁଟେ ଖେଲ୍‌ଥି ବିକାଶ୍ କନ୍‌ସେପ୍ଟ ସ୍କୁଲ୍ ୪/୧ ଗୋଲ୍‌ଥି ଧନ୍‌କଉଡ଼ା ସର୍‌କାରୀ ଉଚ୍ଚବିଦ୍ୟାଲୟକେ ହରେଇଥିଲା । ଇ ଦୁହି ଦଲ୍ କ୍ୱାର୍ଟର୍ ଫାଇନାଲ୍‌ଥି ପୁହୁଁଚିଛନ୍ । ଇ ଟୁର୍ଣ୍ଣାମେଂଟ୍ ଆଏବା ୨୯ ତାରିଖ୍‌ତକ୍ ଚାଲ୍‌ବା ।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ହାଇସ୍କୁଲ୍‌ସ୍ତର୍‌ଥି ୬ ହଜାର୍ ୨୫ ଲିଭ୍ ଟ୍ରେନିଂ ରିଜର୍ଭ - ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତ ହେବେ । ଇ ବାବ୍‌ଦେ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ ତର୍‌ଫୁ ତୟାରି ମୁଲ୍ ହେଇଛେ । ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍ ତର୍‌ଫୁ ଇ ନିଯୁକ୍ତି ପ୍ରକ୍ରିୟା କରାଯିବା । ଇଥିର୍‌ଲାଗି ଗଲାକାଏଲ୍ ଓଏସ୍‌ଏସ୍‌ସି ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଟିଜିଟି- କଳା, ବିଜ୍ଞାନ୍- ପିସିଏମ୍, ଟିଜିଟି-ସିବିଜେଡ୍, ହିନ୍ଦୀ ଶିକ୍ଷକ୍, ସଂସ୍କୃତ ଶିକ୍ଷକ୍, ତେଲୁଗୁ ଶିକ୍ଷକ୍ ଆଉ ଉର୍ଦ୍ଦୁ ଶିକ୍ଷକ୍ ନିଯୁକ୍ତ କରାଯିବା । ଇ ଶିକ୍ଷକ୍‌ମାନେ ଗ୍ରୁପ୍- ବି ସର୍ଭିସ୍ ଅଧୀନ୍‌ଥି କାମ୍ କର୍‌ବାର୍‌କେ ଥିବାର୍ ବେଲେ ଲେଭେଲ୍ ୯ ଅନ୍‌ସାରେ ୩୫ ହଜାର୍ ୪ ଶହ ଟଙ୍କା ମୂଳ ଦର୍‌ମା ଦିଆଯିବା । ଆଏବା ୩୦ ତାରିଖ୍‌ନୁ ଇ ପଦ୍‌ବୀ ଲାଗି

ପଞ୍ଜିକରଣ୍ ମୁଲ୍ ହେଇକରି ନଭେମ୍ବର ୨୯ ତାରିଖ୍‌ତକ୍ ଚାଲ୍‌ବା ।